## ସଂକ୍ଷେପରେ

### ବାଲି ବୋଝେଇ ଗାଡ଼ିରୁ ୫୦ ହଜାର ଜରିମାନା

ପାଟଣା,୯ା୫(ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟଣା ତହସିଲ ଚେମେଣା ରାଜସ୍ୱ ନିରୀକ୍ଷକ ଅନ୍ତର୍ଗତ ୪୯ ନମ୍ବର ଜାତୀୟ ରାଜପଥ ଅଙ୍ଗିକଲା ନିକଟରରେ ରବିବାର ବେଆଇନ ଭାବେ ବାଲି ଚାଲାଣ ହେଉଥିବା ଏକ ହାଇୱା ଓ ଟ୍ରାକ୍ଟରରୁ ପାଟଣା ତହସିଲର ଏନଫୋର୍ସମେଣ୍ଟ ସ୍କ୍ୱାଡ ୫୦,୬୮୦ ଟଙ୍କା ଜରିମାନା ଆଦାୟ କରିଛି। ହାଇୱାରୁ ୪୦,୫୬୦ ଟଙ୍କା ଓ ଜଡିଚାତର ନିକଟରୁ ବେଆଇନ ଭାବରେ ମାଟି ଚାଲାଣ କରୁଥିବା ଟ୍ରାକ୍ଟରରୁ ୧୦, ୧୨୦ ଟଙ୍କା ଜରିମାନା ଆଦାୟ କରାଯାଇଛି।ଏହି ଚଢ଼ାଉରେ ପାଟଣା ତହସିଲଦାର ତାପସ ରଞ୍ଜନ ଦେହୁରୀ, ରାଜସ୍ୱ ପରିଦର୍ଶକ ବନମାଳି ନାଏକ ଓ ଅମଲା ରମାକାନ୍ତ ମହାନ୍ତ ପ୍ରମୁଖ ସାମିଲ ହୋଇଥିଲେ।

### ଜଳିଗଲା ୫ ବଖରା

**ଭଦ୍ରକ ଅଫିସ, ୯ା୫:** ଭଦ୍ରକ ପୌରପାଳିକା ଅଧୀନ ୩୦ନଂ. ୱାର୍ଡ଼ ଉତ୍ତରବାହିନୀ ଲେଙ୍କାସାହିର ରାଜେନ୍ଦ୍ର ଲେଙ୍କାଙ୍କ ଘରେ ଶନିବାର ରାତିରେ ଗ୍ୟାସ ଟାଙ୍କି ଫାଟି ନିଆଁ ଲାଗି ୫ ବଖରା ଜଳି ଯାଇଛି। ଦମକଳ ବାହିନୀ ପହଞ୍ଚିବା ଆଗରୁ ସବୁ ଜଳି ନଷ୍ଟ ହୋଇଯାଇଥିଲା। ରବିବାର ଭଦ୍ରକ ସୁରକ୍ଷା ସେନା ବିପନ୍ନଙ୍କ ଘରେ ପହଞ୍ଚି ଶୁଖିଲା ଖାଦ୍ୟ, ଲୁଗା ଓ ବାସନ ଇତ୍ୟାଦି ସହାୟତା ଯୋଗାଇ ଦେଇଛନ୍ତି। ସୁରକ୍ଷା ସେନାର ସର୍ବେଶ୍ୱର ମହାପାତ୍ର, ବିନୟ ବଳ, ଅଶୋକ ଦାସ ଓ କଟିଆ ପଲେଇ ସହାୟତା ପ୍ରଦାନ କରିଥିଲେ।

### ଅବସରପ୍ରାପ୍ତ ଆୟୁର୍ବେଦିକ ଡାକ୍ତରଙ୍କ ପରଲୋକ

**ରେମୁଣା,୯ା୫(ଡି.ଏନ.ଏ.):** ବାଲେଶ୍ୱର ସହର ରାଣୀପାଟଣା ଅଞ୍ଚଳର ଆୟୁର୍ବେଦିକ ଡାକ୍ତର ଡା. ପରମାନନ୍ଦ ଗିରିଙ୍କ ଶନିବାର ରାତିରେ ପରଲୋକ ହୋଇଯାଇଛି। ସେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍‌ପିଟାଲରେ ଚିକିତ୍ସାଧୀନ ଥିଲେ। ପରମାନନ୍ଦ ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ବ୍ଲକ ପଥରଖମ୍ବ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ। ସେ ଗୋପବନ୍ଧୁ ଆୟୁର୍ବେଦ କଲେଜ



(ପୁରୀ)ରୁ ବିଏଏମ୍‌ଏସ୍ ତଥା ଏମ୍‌ଡି (କାୟା ଚିକିତ୍ସା) ପାଠ୍ୟକ୍ରମ ଶେଷ କରିଥିଲେ। ପରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଦ୍ୱାରା ପରିଚାଳିତ ବିଭିନ୍ନ ଆୟୁର୍ବେଦ ଅନୁଷ୍ଠାନ ସମୂହରେ କାର୍ଯ୍ୟ କରି ଉପନିର୍ଦ୍ଦେଶକ (ଭାରତୀୟ ଭେଷଜ ପଦ) ଭାବେ ୨୦୧୦ ଜାନୁୟାର ୩୦ରେ ଅବସର ଗ୍ରହଣ କରିଥିଲେ। ସେ ଜଣେ ସୁଚିକିତ୍ସକ ଓ ସାରସ୍ୱତ ସାଧକ ତଥା ସମାଜସେବୀ ଭାବେ ଭୁବନେଶ୍ୱର କେଦାରନାଥ ଗବେଷଣା ପ୍ରତିଷ୍ଠାନ ପକ୍ଷରୁ ୨୦୦୮ ସ୍ମୃତି ସମ୍ମାନ, ଭୁବନେଶ୍ୱର ଭାଗବତ ବେହେରା ସ୍ମୃତି ସଂସଦ ପକ୍ଷରୁ ମୃଡଙ୍ଗ ସମ୍ମାନ ୨୦୦୯ ତଥା ବାଲେଶ୍ୱରର ଆବେଗ ସମ୍ବର୍ଦ୍ଧନା ୨୦୧୧ ଆଦି ବହୁ ସମ୍ମାନରେ ସମ୍ମାନିତ ହୋଇଛନ୍ତି। ଡା. ଗିରି ଅବସର ପରେ ବାଲେଶ୍ୱର ଜିଲା ଯାଦବ ମହାସଭାର ଉପଦେଷ୍ଟା ଭାବେ ଦୀର୍ଘଦିନ କାର୍ଯ୍ୟ ଗ୍ରହଣ କରି ଯାଦବମାନଙ୍କ ଉନ୍ନତି ପାଇଁ ସର୍ବପ୍ରୟାସ ଜାରି ରଖିଥିଲେ।

# ଟିକାକରଣ କେନ୍ଦ୍ରରେ ଉତ୍ତେଜନା

**କପ୍ତିପଦା,୯ା୫(ଡି.ଏନ୍.ଏ.)**

ମୟୂରଭଞ୍ଜ ଜିଲା କପ୍ତିପଦା ବ୍ଲକ ଅଞ୍ଚଳରେ କରୋନାର ଦ୍ୱିତୀୟ ଲହର ସ୍ଥିତି ଗମ୍ଭୀର ହେବାକୁ ଯାଉଛି। ଅଦ୍ୟାବଧି ଆକ୍ରାନ୍ତଙ୍କ ସଂଖ୍ୟା ୪୨୭ରେ ପହଞ୍ଚିଛି । ମାତ୍ର ଏହାର ଭୟାବହତା ଜାଣି ମଧ୍ୟ ଲକ୍‌ଡାଉନ୍ ଓ ସପ୍ତାହାନ୍ତ ଶଟଡାଉନରେ କିଛି ଅମାନିଆ ବଜାରରେ ବୁଲୁଥିବା ଦେଖିବାକୁ ମିଳୁଛି। ପୋଲିସ ଓ ପ୍ରଶାସନ ପକ୍ଷରୁ କଡ଼ା ଅଭିମୁଖ୍ୟ ଗ୍ରହଣ କରିବାକୁ ଦାବି ହୋଇଛି। ଏହି ବ୍ଲକ୍‌ରେ ୧୨ ହଜାର ୪୧୨ଜଣ ଟିକା ନେଇଥିବା ବେଳେ ବହୁ ଲୋକ ଦ୍ୱିତୀୟ ଡୋଜ୍ ପାଇ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ୧୫ ଦିନ ପରେ କପ୍ତିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ୫୦୦ଟିକା ଆସିଛି। ୧୮ରୁ ୪୫ ବର୍ଷ, ୪୫ରୁ ୬୦ ଓ ୬୦ରୁ ଊର୍ଦ୍ଧ୍ୱ ବୟସର ଲୋକମାନେ ଟିକା ପାଇଁ ଲମ୍ବା ଧାଡ଼ିରେ ଖରାରେ ଛିଡ଼ା ହୋଇଥିବା ଦେଖାଯାଇଥିଲା। ମାତ୍ର ଟିକା ପର୍ଯ୍ୟାପ୍ତ ନ ଥିବାରୁ ଏହାକୁ ନେଇକ ଅସନ୍ତୋଷ ଦେଖା ଦେବା ସହିତ ଟିକାକରଣ କେନ୍ଦ୍ରରେ ଉତ୍ତେଜନା ପ୍ରକାଶ ପାଇଥିଲା। ସେଠାରେ କୋଭିଡ୍ ନିୟମକୁ ଖୋଲାଖୋଲି ଉଲ୍ଲଂଘନ କରାଯାଇଥିବା ଦେଖିବାକୁ

**୧୫ଦିନ ପରେ ଆସିଲା, ସମୁଦ୍ରକୁ ଶଙ୍ଖେ**

ମିଳିଥିଲା। ଦ୍ୱିତୀୟ ଡୋଜ୍ ଟିକା ନେବାକୁ ଥିବା ଲୋକମାନଙ୍କୁ ପ୍ରଥମେ ସୁଯୋଗ ଦିଆଯାଇଥିଲା। ମାତ୍ର ଅନଲାଇନ୍‌ରେ ନାମ ରେଜିଷ୍ଟ୍ରେଶନ କରିଥିବା ୧୮ରୁ ୪୫ ବର୍ଷ ବୟସ୍କ କେତେକ ନୂଆ ଆଶାୟୀ ଏବଂ ପ୍ରଥମ ଡୋଜ୍ ଟିକା ନେବାର ୪୨ଦିନ ଅତିକ୍ରାନ୍ତ କରିଥିବା ବ୍ୟକ୍ତିମାନେ ଆସି ଟିକା ନେବା ପାଇଁ ଅଡ଼ି ବସିଥିଲେ। ଏନେଇ ଟିକାକରଣ କେନ୍ଦ୍ରରେ ଉତ୍ତେଜନା ପ୍ରକାଶ ପାଇଥିଲା। ଏତଦ୍ ବ୍ୟତୀତ ଶରତ ଆଞ୍ଚଳିକ ଡାକ୍ତରଖାନା, ଶାଳଚୁଆ, ପୋଡ଼ାଡ଼ିହା ନୂତନ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରଥମ ଡୋଜ୍ କ୍ୟାମ୍ପ ହୋଇଥିବା ବେଳେ ଦ୍ୱିତୀୟ ଡୋଜ୍ ଟିକା ସେଠାକୁ ପଠାଯାଇ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା। ଶରତ, ପୋଡ଼ାଡ଼ିହା ଓ ଶାଳଚୁଆ ଡାକ୍ତରଖାନା ଏରିଆଠାରୁ କପ୍ତିପଦା ଡାକ୍ତରଖାନା ବହୁତ ଦୂର ହୋଇଥିବାରୁ ଦୂରଦୂରାନ୍ତରୁ ବୟସ୍କ, ବୃଦ୍ଧ ଓ ମହିଳାମାନେ ଯାଇ ଟିକା ନେବାରେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି।

# ଜିଲା କଂଗ୍ରେସ ପକ୍ଷରୁ ଆମ୍ବୁଲାନ୍ସ ସେବା

**ଜଳେଶ୍ୱର, ୯ା୫ (ଡି.ଏନ୍.ଏ.)**

କରୋନାର ୨ୟ ଲହର ସମଗ୍ର ରାଜ୍ୟକୁ ପ୍ରଭାବିତ କରିଥିବା ବେଳେ ରାଜ୍ୟ ସରକାର ୧୪ଦିନିଆ ଲକ୍‌ଡାଉନ୍ ଘୋଷଣା କରିଛନ୍ତି । ଗ୍ରାମାଞ୍ଚଳରୁ କରୋନା ରୋଗୀମାନଙ୍କୁ ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର ଲାଗି ସରକାରଙ୍କ ୧୦୮ ଆମ୍ବୁଲାନ୍ସ ପର୍ଯ୍ୟାପ୍ତ ହେଉ ନ ଥିବାରୁ କଂଗ୍ରେସ ପକ୍ଷରୁ ବାଲେଶ୍ୱର ଜିଲାକୁ ୫ଟି ଆମ୍ବୁଲାନ୍ସ ମାଗଣା ସେବା ଲାଗି ଯୋଗାଇ ଦିଆଯାଇଛି । ବାଲେଶ୍ୱର ସଂସଦୀୟ କ୍ଷେତ୍ରର କଂଗ୍ରେସ ନେତା ନବଜ୍ୟୋତି ପଟ୍ଟନାୟକ ଓ ଜିଲା କଂଗ୍ରେସ ପକ୍ଷରୁ ଏପରି ବ୍ୟବସ୍ଥା କରାଯାଇଥିବା ଜଣାଯାଇଛି । ବାଲେଶ୍ୱର ଜିଲାର ଜଳେଶ୍ୱରସ୍ଥିତ ଜିକେଭଟ୍ଟର ହସ୍‌ପିଟାଲକୁ ଯୋଗାଇ ଦିଆଯାଇଥିବା ଆମ୍ବୁଲାନ୍ସକୁ ଡା. ଦିଲୀପ କୁମାର ପାତ୍ର ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକ କଂଗ୍ରେସ ସଭାପତି ରାଜୀବ କୁମାର ପରିଡା, ରାଜ୍ୟ ଯୁବକଂଗ୍ରେସ ସମ୍ପାଦକ ସବ୍ୟସାଚୀ ଦାସ, ଆଇନଜୀବୀ ସତ୍ୟସୁନ୍ଦର ଦାସ, କିଶାନ କଂଗ୍ରେସ ସଭାପତି ସୁଦାମ ପାତ୍ର, ହେମନ୍ତ ଗିରି, ଜଗଦୀଶ ନନ୍ଦୀ, ଚିତ୍ତରଞ୍ଜନ ପରିଡା, ରାକେଶ ପାତ୍ର, କମଳଲୋଚନ ବାରିକ, ସୁଶାନ୍ତ ସେଠୀ, ନଗର ସଭାପତି ଗିରିଜାଶଙ୍କର ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

# ରେଲୱେ ଓଭରବ୍ରିଜ୍ ନିର୍ମାଣ ଲାଗି ଉଚ୍ଛେଦ



ପ୍ରଶାସନ ପକ୍ଷରୁ ଦ୍ୱିତୀୟ ପର୍ଯ୍ୟାୟ ଜବରଦଖଲ ଉଚ୍ଛେଦ କରାଯାଉଛି ।

**ଜଳେଶ୍ୱର, ୯ା୫(ଡି.ଏନ.ଏ.)**

ବାଲେଶ୍ୱର ଜିଲାର ଜଳେଶ୍ୱର ସହର ମଧ୍ୟ ଦେଇ ଯାଇଥିବା ଜଳେଶ୍ୱର-ଚନ୍ଦନେଶ୍ୱର ରାସ୍ତାର ନୂଆବଜାରଠାରେ ୨୦୧୮ରେ ୬୫କୋଟି ଟଙ୍କା ବ୍ୟୟରେ ଏକ ରେଳ ଓଭରବ୍ରିଜ୍ ନିର୍ମାଣ ଚାଲିଛି । ମୋଟ ୨୮ଟି ପିଲର ନିର୍ମାଣ ହେବାକୁ ଥିବା ବେଳେ ରେଳଲାଇନ୍‌ର ପଶ୍ଚିମପଟେ ୧୩ଟି ପିଲର ନିର୍ମାଣ ସରିଛି । ପଶ୍ଚିମପଟେ ସରକାରୀ ଜାଗାରେ ଜବରଦଖଲ ଉଚ୍ଛେଦ କରାଯାଇ ନିର୍ମାଣ କାର୍ଯ୍ୟ ଚାଲୁଥିବା ବେଳେ ରବିବାର ପ୍ରଶାସନ ପକ୍ଷରୁ ପୂର୍ବପଟେ ଥିବା ଜବରଦଖଲ ଓ ଅଧିଗ୍ରହଣ ହୋଇଥିବା ଘରୋଇ ଜାଗାକୁ ଉଚ୍ଛେଦ କରାଯାଇଛି । ସରକାରଙ୍କ ପକ୍ଷରୁ ଜମି ଅଧିଗ୍ରହଣ ସରିଥିବା କାରଣରୁ ଏହି ପୋଲ ନିର୍ମାଣରେ କୌଣସି ବାଧକ ରହିବ ନାହିଁ ବୋଲି କନିଷ୍ଠଯନ୍ତ୍ରୀ ନିହାର ରଞ୍ଜନ ବେହେରା କହିଛନ୍ତି ।

ଏହାର ନିର୍ମାଣ କାର୍ଯ୍ୟ ୨୦୨୦ରେ ସରିବାକୁ ଥିବା ବେଳେ ବିଭିନ୍ନ ସମସ୍ୟା କାରଣରୁ ୨୦୨୨ ମାର୍ଚ୍ଚରେ ଶେଷ ହେବ ବୋଲି ଜଣାଯାଇଛି । ଓଭରବ୍ରିଜ୍‌ର ପୂର୍ବପଟେ ନିର୍ମାଣ ଲାଗି ସୁକାନ୍ତ ଗୋଛାୟତ, ହରେନ୍ଦ୍ର ଗୋଛାୟତ, ନରେନ୍ଦ୍ର ଗୋଛାୟତ ଓ ଜଗନ୍ନାଥ ଗୋଛାୟତଙ୍କ ଘରୋଇ ଜମି ଅଧିଗ୍ରହଣ ସହିତ ସରକାରୀ ନିୟମ ଅନୁଯାୟୀ ଅର୍ଥ ପୈଠ କରାଯାଇଛି । ହେଲେ ସେମାନଙ୍କୁ ସରକାରଙ୍କ ପକ୍ଷରୁ ଘରଡିହ ଯୋଗାଇ ଦିଆ ନ ଯାଇ ବାସଗୃହକୁ ଭଙ୍ଗାଯିବା କାରଣରୁ ଅସନ୍ତୋଷ ବୃଦ୍ଧି ପାଇଛି । ରବିବାର ଏକ ଡାଇଭର୍ଶନ ରୋଡ ନିର୍ମାଣ ଲାଗି ଜବରଦଖଲରେ ଥିବା ଏକ ଘରକୁ ଉଚ୍ଛେଦ କରାଯାଇଛି । ଏହି ଉଚ୍ଛେଦ ବେଳେ ଆର୍ ଆଣ୍ଡ ବିର ସହକାରୀ ନିର୍ବାହୀ ଯନ୍ତ୍ରୀ ଅଶୋକ କୁମାର ପଣ୍ଡା ଉପସ୍ଥିତ ଥିଲେ । କେତେକ ଘରୋଇ ଜମି ଅଧିଗ୍ରହଣ ହେବାକୁ ଥିବାରୁ ଏହି ନିର୍ମାଣ କାର୍ଯ୍ୟ ମନ୍ଥର ଗତିରେ ଚାଲିଥିବା ସମ୍ପର୍କରେ ସେ ସୂଚନା ଦେଇଥିଲେ ।

## ଆରପାରିରେ ତବଲା ବାଦକ

**ଖଇରା, ୯ା୫(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ବ୍ଲକର ତବଲା ବାଦକ ପିତାମ୍ବର ମୁଖୀ(୪୫)ଙ୍କର ୭ତାରିଖରେ ହୃଦ୍‌ଘାତରେ ପରଲୋକ ହୋଇଯାଇଛି । ବର୍ତ୍ତନା ପଞ୍ଚାୟତ ଏକାଦୋଳି ଗ୍ରାମରେ ଜନ୍ମିତ ପିତାମ୍ବର ଭଦ୍ରକର ମନମୋହନ କଳା ପରିଷଦରୁ ବିଷାରଦ ଭାବେ ଉତ୍ତୀର୍ଣ୍ଣ ହେବା ପରେ ଖଇରା, ବର୍ତ୍ତନା, କୁପାରୀ ଓ ଆଗରପଡା ଅଞ୍ଚଳର ବିଭିନ୍ନ ମଞ୍ଚରେ ନିଜର ପାରଦର୍ଶିତା ଦେଖାଇଥିଲେ। ସେ ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ଥିବାରୁ ରୋଗଗ୍ରସ୍ତ ବାପା, ବିଧବା ପତ୍ନୀ ଓ ପୁଅ ଝିଅଙ୍କୁ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି। ତାଙ୍କର ମୃତ୍ୟୁରେ ଓଁ ମା' ସଙ୍ଗୀତ ପରିଷଦର କଳାକାର ଫକୀରମୋହନ ମଉଗଜ, ଲମ୍ବୋଦର ଦାସ, ମୁକୁନ୍ଦ ଆଇଚ ପ୍ରମୁଖ ଶୋକପ୍ରକାଶ କରିଛନ୍ତି ।

# କୋଭିଡ୍ ପରିଚାଳନାରେ ଅବ୍ୟବସ୍ଥା

**କେନ୍ଦୁଝର,୯ା୫(ସ୍ୱ.ପ୍ର.)**

କୋଭିଡ୍ ଡାକ୍ତରଖାନାରେ ଚିକିତ୍ସାଧୀନ ସମୟରେ ଗତ ୩ ତାରିଖରେ ମୃତ୍ୟୁ ହୋଇଥିବା ମଦନ ମୋହନ ବାରିକଙ୍କ ପାଖରେ ଥିବା ୫ ହଜାର ଟଙ୍କା, ସ୍ମାର୍ଟ ଫୋନ, ଚାର୍ଜର ଆଦି ହସ୍ପିଟାଲରେ ରହିଯାଇଛି । ସେସବୁ ଜିନିଷ ପରିବାର ଲୋକଙ୍କୁ ଫେରସ୍ତ ହୋଇ ନ ଥିବାରୁ ତାଙ୍କ ସ୍ତ୍ରୀ ଭାରତୀ ବାରିକ ଫେରସ୍ତ ଲାଗି ଜିଲାପାଳଙ୍କଠାରେ ଲିଖିତ ଅଭିଯୋଗ କରିଛନ୍ତି। କେବଳ ମୃତଦେହ ସହିତ ପଲସ ଅକ୍ସିମିଟର ଓ ହାତ ଘଡ଼ି ଦିଆଯାଇଥିଲା। ଅବଶିଷ୍ଟ ସମାଗ୍ରୀ ଅଦ୍ୟାବଧି ମିଳି ନ ଥିବା ସେ ଅଭିଯୋଗ କରିଛନ୍ତି । ଏଭଳି ମୃତ୍ୟୁବରଣ କରୁଥିବା ବହୁ ରୋଗୀଙ୍କ ସାମଗ୍ରୀ, ଏପରିକି ଏଟିଏମ୍ କାର୍ଡ ପରିବାର ଲୋକଙ୍କୁ ଫେରସ୍ତ ହେଉ ନ ଥିବା ଅଭିଯୋଗ ହୋଇଆସୁଛି। ତେବେ ଏସବୁ କିଏ ନେଉଛି ଏବଂ କାହିଁକି ଫେରସ୍ତ ହେଉନାହିଁ ସେ ନେଇ ପରିବାର ଲୋକ ସନ୍ଦେହ ପ୍ରକଟ କରିବା ସହ ଏହାକୁ ନେଇ ରାଜନୈତିକ ତଥା ସାମାଜିକ କର୍ମୀମାନେ ଉଦବେଗ ବ୍ୟକ୍ତ କରି ତୁରନ୍ତ ପଦକ୍ଷେପ ଗ୍ରହଣ ପାଇଁ ଦାବି କରିଛନ୍ତି । ଏନେଇ ଜିଲାପାଳ ଆଶିଷ ଠାକରେ କହିଛନ୍ତି ଯେ ଏହାର ତଦନ୍ତ ପାଇଁ ନିର୍ଦ୍ଦେଶ ଦିଆଯାଇଛି।

## ଉପଦେଷ୍ଟାଙ୍କ ବିୟୋଗରେ ଶୋକ

**ଖଇରା, ୯ା୫(ଡି.ଏନ.ଏ.)**

ଅବସରପ୍ରାପ୍ତ ଶିକ୍ଷକ ତଥା କୁନ୍ତଳା କଲ୍ୟାଣି ସାହିତ୍ୟ ସଂସଦର ଉପଦେଷ୍ଟା ମହେନ୍ଦ୍ର ପ୍ରସାଦ ବାରିକଙ୍କ ବିୟୋଗରେ ସଂସଦ ତରଫରୁ ଶୁକ୍ରବାର ଏକ ଶୋକ ସଭା ଅନୁଷ୍ଠିତ ହୋଇଯାଇଛି । ସଭାପତି ସୁଦାମ ଚରଣ ରାଉତଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ସମ୍ପାଦକ ଲମ୍ବୋଦର ନନ୍ଦ ଶୋକବାର୍ତ୍ତା ପାଠ କରିଥିଲେ । ଅଧ୍ୟାପକ ଡମ୍ବୁରୁଧର ଭୋଳ, ମୂରଲୀଧର ପାଢୀ, କଳ୍ପନା ପାଢୀ, କୁଞ୍ଜଲତା ମାହୁନ୍ତ, କୁନ୍ତଳା ମହାରଥା, କଲ୍ୟାଣି ପଣ୍ଡା, ମହେଶ୍ୱର ପଟ୍ଟନାୟକ, ଶଙ୍କର୍ଷଣ ଜେନା, ଗୀତାରାଣୀ ଆଇଚ, ବାବାଜୀ ଚରଣ ମହାନ୍ତି ପ୍ରମୁଖ ଯୋଗଦେଇ ଅମର ଆତ୍ମା ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ ।

## ଯୁବକଙ୍କ ଆତ୍ମହତ୍ୟା

**ସୋର, ୯ା୫(ଡି.ଏନ୍.ଏ.)**

ସୋର ଥାନା ଅଧୀନ ଅନନ୍ତପୁର ଫାଣ୍ଡି ଅନ୍ତର୍ଗତ ଟେଣ୍ଟେଇ ପଞ୍ଚାୟତ ବରଡିହ ଗ୍ରାମର ଗୟାଧର ମଲ୍ଲିକ (୪୦) ବେକରେ ରଶି ଲଗାଇ ବୁଧବାର ରାତିରେ ଆତ୍ମହତ୍ୟା କରିଛନ୍ତି। ଘରୋଇ କଳହରୁ ସେ ମାନସିକ ଭାରସାମ୍ୟ ହରାଇ ଗୟାଧର ଘର ନିକଟ ଏକ ୧୧ କେଭି ବିଦ୍ୟୁତ୍ ଖୁଣ୍ଟରେ ଝୁଲି ଆତ୍ମହତ୍ୟା କରିଥିଲେ। ଫାଣ୍ଡି ଏଏସ୍‌ଆଇ ସେକ୍ ରହେମାନ୍ ଅପମୃତ୍ୟୁ ମାମଲା (ନଂ. ୨୯/୨୧) ରୁଜୁ କରି ଶବ ବ୍ୟବଚ୍ଛେଦ କରାଇ ଘଟଣାର ତଦନ୍ତ କରୁଛନ୍ତି।

## ଗୋଟିଏ ଗ୍ରାମରେ ୨୨ ସଂକ୍ରମିତ

**ଔପଦା, ୯ା୫**

ଦିନକୁ ଦିନ କରୋନା ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଉଥିବାରୁ ଲୋକେ ଭୟଭୀତ ହୋଇପଡୁଛନ୍ତି। ବାଲେଶ୍ୱର ଜିଲାର ଔପଦା ବ୍ଲକ ତଳକିଆ ପଞ୍ଚାୟତ ଦରଖୋଳି ଗ୍ରାମରେ କରୋନାରେ ଜଣଙ୍କ ମୃତ୍ୟୁ ହୋଇଥିଲା। ଶନିବାର ଆଉ ୨୨ ଜଣ ପଜିଟିଭ ଚିହ୍ନଟ ହେବା ପରେ ଗାଁରେ ଆତଙ୍କ ଖେଳିଯାଇଛି। ଦରଖୋଳି ଗ୍ରାମରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୋଭିଡ ଟେଷ୍ଟ ପାଇଁ ୧ ଶହରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କ ସ୍ୱାବ ପରୀକ୍ଷା ପାଇଁ ଯାଇଥିଲା। ସେଥିରୁ ୨୨ ପଜିଟିଭି ଚିହ୍ନଟ ହେବା ପରେ ସ୍ଥାନୀୟ ପ୍ରଶାସନ ପକ୍ଷରୁ ଦରଖୋଳି ଗ୍ରାମକୁ କଣ୍ଟେନମେଣ୍ଟ ଜୋନ ଭାବେ ଘୋଷଣା କରିବାକୁ ଦାବି ହେଉଛି।

# ମଶାଣି ମଣିଷ ମନିଆ

**ଜଳେଶ୍ୱର, ୯ା୫(ଡି.ଏନ୍.ଏ)**

ଜୀବଦ୍ଦଶାରେ ନିଜର କର୍ତ୍ତବ୍ୟ ସମ୍ପାଦନ ପରେ ମୁକ୍ତି ଯାତ୍ରା ଅନିବାର୍ଯ୍ୟ। ଏହି ମୁକ୍ତି ଯାତ୍ରାର ପ୍ରଥମ ବାହକ ହୁଅନ୍ତି ନିଜର ରକ୍ତ ସମ୍ପର୍କୀୟ କିମ୍ବା ଆତ୍ମୀୟସ୍ୱଜନ। ଏ ପ୍ରଥା ଅନାଦି କାଳରୁ ସମାଜରେ ଚଳିଆସୁଛି । କିନ୍ତୁ ଏପରି ଜଣେ ବ୍ୟକ୍ତିତ୍ୱ ଅଛନ୍ତି ଯିଏ ଜାତି, ଧର୍ମ ଓ ବର୍ଣ୍ଣ ନିର୍ବିଶେଷରେ ଯେକୌଣସି ବ୍ୟକ୍ତିଙ୍କ ମୁକ୍ତିଯାତ୍ରାରେ ଯୋଗ ଦିଅନ୍ତି ଶବ ବାହକ ଭାବେ ।

ବାଲେଶ୍ୱର ଜିଲାର ଜଳେଶ୍ୱର ପୌରପରିଷଦର ୧୨ନଂ. ୱାର୍ଡ ଧାରାଷ୍ଟକ ମୌଜାରେ ୪୯ବର୍ଷ ବୟସ୍କ ଜୟନାରାୟଣ କୁଣ୍ଡୁଙ୍କ ଘର। ମନିଆ ବୋଲି ତାଙ୍କୁ ସମସ୍ତେ ଡାକନ୍ତି। ଜଳେଶ୍ୱର ଅଞ୍ଚଳରେ ଯେ କେହି ବ୍ୟକ୍ତିଙ୍କ



ମନିଆଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

ମୁକ୍ତିଯାତ୍ରା ହେଲେ ଆଗ ଖୋଜା ପଡେ ମନିଆଙ୍କୁ। ସାଧାସିଧା ମଣିଷଟିଏ। ନୀତି ନିୟମ ଅନୁଯାୟୀ ୬ ଖଣ୍ଡ କାଠରେ କୋକେଇ ବାନ୍ଧିବା ଓ କଳା ତୁଳସୀକୁ ଧରି ଶବକୁ କାନ୍ଧଦେବା ତାଙ୍କ ପାଇଁ ସାଧାରଣ ଘଟଣା। ୨୫ ବର୍ଷ ବୟସରେ ସେ ପ୍ରଥମେ ଶବ ବାହକ ହୋଇ ମଶାଣିକୁ ଯାଇଥିଲେ। ଆଉ ପ୍ରଥମ ସେହି ଚିତାଗ୍ନି ତାଙ୍କ ଜୀବନର ମୋଡ ବଦଳାଇ ଦେଇଥିଲା । ସହର ହେଉ ବା ଗ୍ରାମାଞ୍ଚଳ ହେଉ କାହାର ମୃତ୍ୟୁ ଖବର ପାଇଲେ ସମସ୍ତ କାମଛାଡି ସେ ପହଞ୍ଚିଯାନ୍ତି ମୃତକଙ୍କ ଘରେ । ଏଥିରେ ତାଙ୍କୁ ମିଳିଥାଏ ଆତ୍ମସନ୍ତୋଷ ବୋଲି ସେ କୁହନ୍ତି। ତେଣୁ ଲୋକେ ତାଙ୍କୁ କେହି ଶବ ବାହକ, କେହି ମଶାଣି ମଣିଷ ବା କେହି ଶବ ସାଥି ବୋଲି କହିଥାନ୍ତି । ସେ ଏ ପର୍ଯ୍ୟନ୍ତ ଶହେରୁ ଊର୍ଦ୍ଧ୍ୱ ଶବ ସତ୍କାର କରିଥିବା କୁହନ୍ତି। ଏପରି ମହନୀୟ କାର୍ଯ୍ୟ ପାଇଁ ତାଙ୍କୁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି । ନିକଟରେ ଜଳେଶ୍ୱର ନୂଆବଜାର ଅଞ୍ଚଳର ସଞ୍ଜୟ ପ୍ରଧାନ, ରାକେଶ ବାରିକଙ୍କ ନେତୃତ୍ୱରେ ତାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା।

## କୋଭିଡ୍ ସଚେତନତା ୱେବିନାର

**ବାରିପଦା ଅଫିସ,୯ା୫**

ଭାରତ ସରକାରଙ୍କ ଜାତୀୟ ସେବା ଯୋଜନା ଅଧୀନସ୍ଥ ମୟୂରଭଞ୍ଜ ଜିଲାର ସମସ୍ତ ମହାବିଦ୍ୟାଳୟର କାର୍ଯ୍ୟକ୍ରମ ଅଧିକାରୀ ଓ ସ୍ୱେଚ୍ଛାସେବୀମାନଙ୍କୁ ନେଇ କୋଭିଡ୍ ସଚେତନତା ସମ୍ପର୍କିତ ଏକ ୱେବିନାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଏନ୍‌ଏସ୍‌ଏସ୍ ରାଜ୍ୟ ଅଧିକାରୀ ତଥା ଉଚ୍ଚଶିକ୍ଷା ବିଭାଗ ଉପସଚିବ ଡ.ରମେଶ ଚନ୍ଦ୍ର ବେହେରା ଯୋଗଦେଇ କରୋନା ସଚେତନତାର ଗୁରୁତ୍ୱପୂର୍ଣ୍ଣ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ। ଭୁବନେଶ୍ୱର ଓୟୁଏଟି ବିଶ୍ୱବିଦ୍ୟାଳୟର ଏନ୍‌ଏସ୍‌ଏସ୍ ତାଲିମ ପ୍ରଶିକ୍ଷକ ନିରଦବରଣ ଖୁଣ୍ଟିଆ ଯୋଗଦେଇ ଏହାର ଆଭିମୁଖ୍ୟ ଓ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଉପରେ ଟିପ୍‌ଣୀ ଦେଇଥିଲେ। ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ସଂଯୋଜକ ଡ. ଶୁଭେନ୍ଦୁ ଦାସ ସରକାରଙ୍କ ପ୍ରଦତ୍ତ ନିୟମକୁ ଜନ ମାନସରେ ପ୍ରତିଫଳିତ କରିବା ପାଇଁ ପରାମର୍ଶ ଦେଇଥିଲେ। ଏଥିରେ ମୟୂରଭଞ୍ଜ ଜିଲାର ବିଭିନ୍ନ ମହାବିଦ୍ୟାଳୟରୁ କାର୍ଯ୍ୟକ୍ରମ ଅଧିକାରୀ ଓ ସ୍ୱେଚ୍ଛାସେବୀମାନେ ଯୋଗ ଦେଇଥିଲେ। ଜିଲା କାର୍ଯ୍ୟକ୍ରମ ଅଧିକାରୀ ଡ. ସ୍ମୃତିରଞ୍ଜନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# କିଡ୍‌ନୀ ରୋଗାକ୍ରାନ୍ତ ଅଗଣୀ

**ପଦ୍ମପୁର, ୯ା୫ (ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ଆରୁହା ପଞ୍ଚାୟତ କଳସିଆ ଗ୍ରାମର ଅଗଣି ବେହେରା(୫୫) ଗତ ୫ ବର୍ଷ ଧରି କିଡ୍‌ନୀ ରୋଗରେ ଆକ୍ରାନ୍ତ। ଗୋଡ଼ ହାତ ଫୁଲିଯାଇଛି। ବିଛଣାରୁ ଉଠିବା ପାଇଁ ଶକ୍ତି



ଅଗଣୀବେହେରା।

ନାହିଁ। ଠିକ୍‌ଭାବେ ଖାଇପିଇ ପାରୁନାହାନ୍ତି। ମାସିକ ଔଷଧ ଖର୍ଚ୍ଚ ୫ ହଜାରରୁ ଊର୍ଦ୍ଧ୍ୱ ହୋଇଥିବା ବେଳେ ରୋଜଗାରର କୌଣସି ପନ୍ଥା ନାହିଁ। ଫଳରେ ତାଙ୍କ ଚିକିତ୍ସାରେ ଅର୍ଥ ବାଧକ ସାଜିଛି।

ଘରେ ଏକମାତ୍ର ପୁଅ ପାଠପଢ଼ାରେ ଡୋରି ବାନ୍ଧି ପର ବିଲରେ ମଜୁରି

**ଚିକିତ୍ସାରେ ଅର୍ଥ ବାଧକ**

ଲାଗୁଛନ୍ତି। ଝିଅ ସଙ୍ଗୀତା ନବମ ଶ୍ରେଣୀରେ ପଢୁଛନ୍ତି। ସ୍ତ୍ରୀ ଲକ୍ଷ୍ମୀ ପର ଘରେ କାମ କଲେ ଯାହା ଟଙ୍କା ମିଳୁଛି ସେଥିରେ ୪ ପ୍ରାଣୀଙ୍କ ପେଟକୁ ଦାନା ଦେବା କଷ୍ଟକର ହୋଇପଡୁଛି। ଏପରି ସ୍ଥଳେ ଅଗଣିଙ୍କ ପାଇଁ ମାସିକ ଔଷଧ କିଣାଯାଇ ପାରୁନାହିଁ। ଫଳରେ ଦିନକୁ ଦିନ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବାରେ ଲାଗିଛି। ଭୂମିହୀନ ରୋଗାଗ୍ରସ୍ତ ଅଗଣିଙ୍କୁ ଏପର୍ଯ୍ୟନ୍ତ କୌଣସି ସରକାରୀ ସହାୟତା ମିଳିପାରି ନାହିଁ। ସରକାରଙ୍କ ପକ୍ଷରୁ ସହାୟତା ମିଳିଲେ ତାଙ୍କର ଚିକିତ୍ସା ହୋଇପାରନ୍ତା ବୋଲି ପରିବାର ଲୋକେ ନିବେଦନ କରିଛନ୍ତି। ଏ ସମ୍ପର୍କରେ ବିଡିଓ ପ୍ରଣବ କୁମାର ବେହେରାଙ୍କୁ ପଚାରିବାରୁ ଅଗଣିଙ୍କୁ ସରକାରୀ ସ୍ତରରେ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ସହ ଘରକୁ ଡାକ୍ତରୀ ଦଳ ପଠାଇ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଅନୁଧ୍ୟାନ କରାଯିବ ବୋଲି କହିଛନ୍ତି।

# ଚାଷୀ ଆଣିପାରୁନି ଅମଳ ଧାନ

**ବାଲିଆପାଳ,୯ା୫(ସ୍ୱ.ପ୍ର)**

ବାଲେଶ୍ୱର ଜିଲା ବାଲିଆପାଳ ତହସିଲ ଅଧୀନ ସାଉଡି ପଞ୍ଚାୟତ ଗୋବିନ୍ଦପୁର ଗ୍ରାମର ଚାଷଜମିକୁ ଯିବା ପାଇଁ ଥିବା ଗୋଚର ଜମି ଅବରୋଧ ଯୋଗୁ ଚାଷୀମାନେ ଅମଳ ଧାନକୁ ଘରକୁ ଆଣିପାରୁନାହାନ୍ତି। ଫଳରେ ଜମିରେ ଧାନ ପଚି ଗଜା ହେବାକୁ ବସିଲାଣି। ଏନେଇ ଉଭୟ ସାଉଡି ଏବଂ ଗୋବିନ୍ଦପୁରର ଚାଷୀଙ୍କ ଅସନ୍ତୋଷ ଦେଖାଦେଇଛି। ଏ ବିଷୟରେ ଉଭୟ ଗ୍ରାମବାସୀ ପ୍ରଶାସନକୁ ବାରମ୍ବାର ଜଣାଇଲେ ମଧ୍ୟ ଫଳ ଶୂନ।

ଉଭୟ ଗ୍ରାମର ଚାଷୀମାନେ ଦୀର୍ଘବର୍ଷ ଧରି ସରକାରୀ ଗୋଚର ଜମି ଦେଇ ରାସ୍ତାରେ ଜମିକୁ ଯାଆସ କରିବା ସହିତ ଜମିରୁ ଧାନ ଅମଳ କରି ଖଳାକୁ ଆଣିପାରୁଥିଲେ। ମାତ୍ର ଉକ୍ତ ସରକାରୀ ଗୋଚର ଜମିରେ ରାତିଅଧିଆ ଜେସିବି ମେଶିନ ଲଗାଇ ପୋଖରୀ ଖୋଳାଯାଇଥିବାରୁ ଚାଷୀମାନେ ଯିବା



ବିଲରେ ପାଚିଲା ଧାନ ଓ ଗୋଚର ଜମିରେ ଖୋଳାଯାଇଥିବା ପୋଖରୀ।

ଆସିବା କରିପାରୁନାହାନ୍ତି। ଫଳରେ ଜମିକୁ ଯାତାୟାତ ରାସ୍ତା ଅବରୋଧ ହୋଇଯାଇଛି। ଏ ବାବଦରେ ଚାଷୀ ସିଂଲା ଥାନା ଏବଂ ବାଲିଆପାଳ ତହସିଲଦାରଙ୍କୁ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ସ୍ଥାନୀୟ ସରପଞ୍ଚ ବାରମ୍ବାର ସମାଧାନର ପ୍ରତିଶ୍ରୁତି ଦେଇ ମଧ୍ୟ କୌଣସି ସ୍ଥାୟୀ ପଦକ୍ଷେପ ନେଉନାହାନ୍ତି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି।

**ଗୋଚର ଜମି ଅବରୋଧ**

ବିଲରୁ ପାଚିଲା ଧାନ ଖଳାକୁ ଆଣି ପାରୁ ନ ଥିବାରୁ ଜମିରେ ଧାନ ଗଜା ହେବାକୁ ବସିଲାଣି। ତୁରନ୍ତ ଏହାର ସମାଧାନ କରି ଜମିରୁ ଧାନ ଖଳାକୁ ଆଣିବା ପାଇଁ ସୁବ୍ୟବସ୍ଥା କରିବା ପାଇଁ ଚାଷୀ ସରକାରଙ୍କୁ ନିବେଦନ କରିଛନ୍ତି। ଏହାର କୌଣସି ସମାଧାନ କରା ନ ଗଲେ ମନୋଜ ପଟ୍ଟାୟତ, ଗଙ୍ଗାଧର ପଟାୟତ, ସୁଦର୍ଶନ ପଟ୍ଟାୟତ, ବଂଶୀଧର ପଟ୍ଟାୟତ, ସୁରେନ୍ଦ୍ର ମଲ୍ଲିକ, ଜଳଧର ମଲ୍ଲିକ, ସର୍ବେଶ୍ୱର ପଟ୍ଟାୟତ, ନରୋତମ ମଲ୍ଲିକ, ଅନିରୁଦ୍ଧ ମଲ୍ଲିକଙ୍କ ସହିତ ବହୁ ଚାଷୀ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରି ରାଜରାସ୍ତାକୁ ଓହ୍ଲାଇବାକୁ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ତହସିଲଦାର ଦୀପକ କୁମାର ଦାସଙ୍କୁ ପଚରାଯିବାରୁ ସେ କହିଛନ୍ତି ଯେ, ଜବରଦଖଲକାରୀଙ୍କ ବିରୋଧ ନୋଟିସ୍ ଦିଆଯାଇ ତଦନ୍ତ କରାଯିବ।

